# ଚାଷୀଙ୍କୁ ଅମ୍ଫନ ସହାୟତା ପ୍ରଦାନ ପାଇଁ ଦାବି

କଟକ,୨୧।୫/ଏନ୍‌ଏନ୍‌ଏସ୍: ସାମୁଦ୍ରିକ ଝଡ଼ ଅମ୍ଫନ ପ୍ରଭାବରେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ କଟକ ଜିଲ୍ଲା ସମାଜବାଦୀ ପାର୍ଟି ପକ୍ଷରୁ ଦାବି କରାଯାଇଛି । ଅମ୍ଫନ ଯୋଗୁଁ ରାଜ୍ୟର ଉପକୂଳବର୍ତ୍ତୀ ୧୨ଟି ଜିଲ୍ଲାର ଚାଷୀମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛନ୍ତି । ପାଚିଲା ଧାନଗୁଡ଼ିକ କ୍ଷେତରେ ଶୋଇପଡ଼ି ବର୍ଷାପାଣିରେ ନଷ୍ଟ ହୋଇଛି । କେତେକ ସ୍ଥାନରେ କଟା ହୋଇଥିବା ଧାନଖଳାରେ ପାଣି ପଶି ନଷ୍ଟ ହୋଇଛି । ସେହିଭଳି ହଜାର ହଜାର ଏକର ପନିପରିବା, ବାଇଗଣ, କଖାରୁ, ଭେଣ୍ଡି, ବିଲାତି ଆଦି ଫସଲ କ୍ଷତି ହୋଇଛି । ପାନବରଜଗୁଡ଼ିକ ନଷ୍ଟ ହେବା ସହ ଗାଈ ଗୁହାଳଗୁଡ଼ିକ ଭାଙ୍ଗିଯାଇଛି । ଯାହାଦ୍ୱାରା ଚାଷୀମାନେ ଆର୍ଥିକ କ୍ଷତି ସହିବାକୁ ଯାଉଛନ୍ତି । ତେଣୁ ଚାଷୀମାନଙ୍କୁ ଅମ୍ଫନ ସହାୟତା ଯୋଗାଇଦେବା ନିମନ୍ତେ ଜିଲ୍ଲା ସଭାପତି ଦିପ୍ତୀରଞ୍ଜନ ପଣ୍ଡା ରାଜ୍ୟ ସରକାରଙ୍କୁ ଦାବି କରିଛନ୍ତି ।

NITIDIN
Fri, May 22, 2020
http://odishanewsnitidin.com